ନଟଚୋରୀ ।

ଦିନେ ବନମାଳୀ ଯାଇଥିଲେ ଖେଳି, କଦମ୍ବ ମୂଳରେ ହେଲେ । ବୃଷଭାନୁଜେମା ସେଠାକୁ ଆସିଣ ବେଣୁନନ୍ଦନେ ଦେଖିଲେ ସେ । କୃଷ୍ଣ ହରଷ ମନ, ଯେହ୍ନେ ହରାଇ ପାଇଲେ ଧନ ସେ । ୧ ।

ହସି ହସି ଆସି ରାଧାପାଶେ ବସି, କହନ୍ତି ଯଶୋଦା ବାଳ । ଖରାବେଳେ ମାଈଁ କେଣେ ଯାଇଥିଲୁ ମୁଖରୁ ବହୁଚି ଝାଳ ଗୋ । ମାମୁ ଦେବେଟି ଗାଳି, ଆଜ ନାହିଁ ତୋ ମୁଖରେ ଝଲି ଲୋ । ୨ ।

ରାଧିକା ବୋଇଲେ ତୋର ମାମୁ ଦିନେ ଦେଇ ନାହିଁ ଗାଳି ମୋତେ । ଯମୁନାକୁ ନୀର ପାଇ ଆସିଥିଲି ସେଠାରେ ଭେଟିଲି ତୋତେ ରେ । କାହାସଙ୍ଗେ ଆସିଛୁ, ଘୋର ଅରଣ୍ୟରେ ବୁଲୁଅଛୁରେ । ୩ ।

ବ୍ୟାଘ୍ର, ଭାଲୁ ଗଣ୍ଡା ଗଧୁଲ ଶୂକର ବନେଅଛନ୍ତି ଅପାର । ମହା ମହାଋଷି ନ ପାରନ୍ତି ପଶି ତୋତେ ମାଡୁ ନାହିଁ ଡରରେ । ମାତା ଦେଇଛି ଛାଡ଼ି, ସଞ୍ଜକାଳେ ହେବ ମଥା କୋଡ଼ରେ । ୪ ।

ଶ୍ରୀକୃଷ୍ଣ ବୋଇଲେ ଶୁଣ ଆଗୋ ମାଈଁ ଖେଳିବାକୁ ଆସି ଥିଲି । ତୋତେ ଦେଖି ମୋର ଭୟ ଦୂରହେଲା ତେଣୁ ତୋ ପାଶେ ଅଇଲି ଲୋ । ମୋତେ କାଖରେ ବ..., କରଅଛି ମୁଁ ତୋ ପ୍ରତିଆଶା ଲୋ ।।

ଶ୍ରୀକୃଷ୍ଣଙ୍କ ବାଳଲୀଳା କୁତୁହଳ, ରାଧା ଜାଣି ନ ପାରିଲେ । ତତ୍— କ୍ଷଣେ ଜଗତନାଥଙ୍କୁ ରାଧିକା, କୋଳରେ ବସାଇନେଲେ ଲୋ । କୃଷ୍ଣ ହେଲେ ଆନନ୍ଦ, ମୁଖ ବିକାସେ ପୂର୍ଣ୍ଣିମାଚନ୍ଦ୍ର ଲୋ । ୬ ।

ଅତି ସ୍ନେହଭରେ ବାମକୁଚପରେ ହାତଦେଲେ ପୀତବାସ । କହନ୍ତି ଅଚ୍ୟୁତ କହ ମାଇ ସତ, ଏହାନାମକୋଷ୍ଟ କିସ ଲୋ । ଏହା ପାଇଲୁ କାହୁଁ, ତୋତେ ଦେଇଅଛି ଏହା କେହୁଲୋ । ୭ ।

Digitized by PPRACHIN, SOA

ଏମନ୍ତ ପଦାର୍ଥ ଲୁଗୁର ରଖିଛୁଁ, ବେଳେ ନ କହିଲୁ ମୋତେ ।
କେଉଁ ଦୋଷ ମୁହିଁ ତୋଠାରେ କରିଛି, ଦୟା ନାହିଁ ତୋର ଚିତ୍ତେ
ଲୋ । ମାଇଁ କହିବୁ ଯେ, କିପାଁ ମୋଠାରେ କଲୁ କପଟ ଲୋ । ୮ ।
ମାମୁଁକୁ ଯେ ତୁହି ନିତ ଯାଚି ଦେଉ, ସେହୁ କରୁଥାଇ ଭୋଗ । ମୁହିଁ
ଯେ ତୋହର ଭଣଜା ଅଟଇ ମୋଠାରେ ନାହିଁ ସରାଗ ଲୋ । ଅଳି
ଯିବୁ ତୁ କାହିଁ, ପୀଡ଼ ନ ଦେଲେ ଛାଡ଼ିବି ନାହିଁ ଲୋ । ୯ ।
ରାଧିକା ବୋଇଲେ ତୁ ପ୍ରୀତି ନ ଜାଣୁ, ହୃଦୟେ ପାଷବରଷ ।
ଲୋକେ ଶୁଣି ମୋତେ ଅପବାଦ ଦେବେ, ନ ଜାଣୁ କି ପୀତବାସ
ରେ । ମାଇଁ ମୁଁ ପର ତୋର, ମୋତେ କଥା କହୁ ଅବିଗ୍ରହ ରେ ।
ଶ୍ରୀକୃଷ୍ଣ ବୋଇଲେ ଚାତୁର ହୋଇଲେ, ମୋଠାରେ ନାହିଁ କି
ପ୍ରୀତି । ସାନ ସର୍ପର କି ବିଷଜ୍ୱାଳା ନାହିଁ, ଏହା ବିଚାରୁଛୁ ମତିଗୋ ।
ପୁଣି ପର୍ବତ କୋଟେ, ସାନ ଇନ୍ଦୁର ପଥର କାଟେ ଗୋ । ୧୧ ।
ଧରି ବେନି ପାଦ ଶୋକେ ଗଦଗଦ, କୁହଅନ୍ତି ମୁରଲୀଧାରୀ । କି
କରିବି ବୋଲି ରାଧିକା ସୁନ୍ଦରୀ, କପାଳରେ ହାତ ମାରି ହୋ ହଟା
ହୋଇଲି ଏବେ, ହଟା ମୋ ଶାଶୁ ନଣନ୍ଦ ଦେବେ ହେ । ୧୨ ।
ଶ୍ରୀକୃଷ୍ଣଙ୍କୁ ଗୋପେ ଯଶୋଦା ଲୋଡ଼ିଲେ, କାହିଁ ନ ପାଇଲେ ଭେଟି
ଯମୁନାକୂଳକୁ ଖୋଜିଣ ଆସନ୍ତେ ଦେଖିଲେ କଦମ୍ବତଟେ ହେ ।
କୃଷ୍ଣ ପଡ଼ିଛି ହେଲେ, ରାଧା ଚଉଡୁଣି ପାଦତଳେ ହେ । ୧୩ ।
ଯଶୋଦା ବୋଇଲେ ଅଗୋ ବୋଇ ତୋତେ ନତୁନାହିଁ କି ବିକଳ ।
କେବଣ ନିମିତ୍ତ ମୋହର ନନ୍ଦନ ପଡ଼ିଅଛି ପାଦତଳ ଗୋ । ରାଧା
କହିଲେ ଫେଡ଼ ମୂର୍ଚ୍ଛା ଆକୁଳେ କରୁଛି ରଡ଼ି ଗୋ । ୧୪ ।
ରାଧିକା ବୋଇଲେ ଶୁଣ ଗୋ ନଣନ୍ଦ ତୁମ୍ଭ ପୁଅଙ୍କର କଥା ।
କଦମ୍ବ ବୃକ୍ଷରେ ଚଢ଼ିଣ ଯେ ଥିଲେ ଦେଖି ବୋଡ଼ି ହେଲେ ମଥା
ଗୋ । ଯେବେ ବୃକ୍ଷୁଁ ପଡ଼ନ୍ତେ, ଆଉ ଜୀବନେ କି ସେହୁ ଥାନ୍ତେ ଗୋ ।
ଯଶୋଦା ବୋଇଲେ ଉଠ ଉଠ ବାବୁ, ମାଇଁ ତ କହିଲା ଭଲ ।
ଭଲ କଥା ଗୋଟି ବିଗ୍ରର ନ କଲୁ, ତୁ ତାହା ନଶିଲୁ ସଲ ରେ ।
ଉଠ ଉଠ ମୋ ବାବୁ, ଚାଲ ମୋର ସଙ୍ଗେ ଘରେ ଯିବୁ ରେ । ୧୫ ।

Digitized by PPRACHIN, SOA

ମାତାଙ୍କ ବଚନେ କ୍ରୋଧଭର ହୋଇ, ଉଠିଲେ ଯଶୋଦାବାଳ ।
କ୍ରୋଧଭର ହୋଇ ମାଇଁ ମୁଖ ଚାହିଁ ନେତ୍ରୁ ବହେ ଅଶ୍ରୁଜଳ ଗୋ ।
ମାତା ଶୁଣ ଗୋ ତୁହି, ମିଛ ତୋ ଆଗେ କହିଲେ ମାଇଁ ଗୋ । ୧୭ ।

ମୁହିଁତ ସ୍ୱଭାବେ ବାଳୁତ ଅଟଇ, ନ ଜାଣଇ ଗଞ୍ଜ ଗଢି । ନଡୁ
ଯୋଡ଼ ମୋର ମାଇଁ ଲୁଚାଇଛି ତେଣୁ ମୁଁ ଚରଣେ ପଡ଼ି ଗୋ ।
ନଡୁ ଦିଅ ଗୋ ବୋଲି, ଗୋଡ଼ତଳେ ପଡ଼ି ଗଡ଼ୁଥିଲି ଗୋ । ୧୮ ।

ଯଶୋଦା ବୋଇଲେ ରାଣି ଆଗୋ ତୁହି, ବାଳକ ଭଣ୍ଡାଇ ଅଛୁ ।
ମୋର ପୁତ୍ର ନଡୁ ଚୋରାଇ ନେଇଣ ମିଛକଥା ଆଣି ଯୋଡ଼ୁ ଗୋ ।
ହେଜ କଥାର ସ୍ଥିତି, ଶାଶୁ ନଣନ୍ଦ ଚକ୍ଷୁଣ ଥାନ୍ତି ଗୋ । ୧୯ ।

ରସିକା ଚତୁରୀ ପର ପୁରୁଷରେ, ଶରଧାବଳାଇ ଥାଉ । ଯାହା
କଲୁ କଲୁ ନଡୁ ଯୋଡ଼ ଦିଅ, ମୋ ପୁତ୍ର ଘରକୁ ଯାଉ ଲୋ । ଶୁଣି
ଯଶୋଦା ବୋଲେ । ଯଇ ନନ୍ଦକୁ କହିବି ଭଲେ ଗୋ । ୨୦ ।

ମାଇ କି ଭଣଜା ଠାପରା କରଇ; ଜଗତରେ ନାହିଁ ଶୁଣା । ତୁହି
ଯେ ଅଜ୍ଞାନ ବାଳକ ହୋଇଲୁ ଏ ତୋହର ଷଡ଼ମନ୍ତ୍ରଣା ରେ । ତୋତେ
ପିଟିବି ଛୁଟ, ଯାଇଁ ଘରେ କହିବି ଅକଟ ରେ । ୨୧ ।

ସ୍ତ୍ରୀଙ୍କର କଥା ସ୍ତ୍ରୀଏ ଜାଣିଲେ, ମୋର କଥା କେଣେ ଗଲା ।
ନଡୁ ଯୋଡ଼ ମୋର ସାକ୍ଷାତରେ ନେଲା, ସେ କଥାତ ମିଛ ହେଲା ଲୋ
ପ୍ରୀତି ନାଗିଲା ତାଙ୍କୁ, ପ୍ରତେ ଆସେ ସବୁର ମନକୁ ଲୋ । ୨୨ ।

ଭୃଙ୍ଗ ଜାଣେ ସିନା କୁସୁମର ବାସ, ବୈଦ୍ୟ ଜାଣେ ନାଡ଼ିଅନ୍ତ ।
ପଦ୍ମର ମୂଳରେ ମଣ୍ଡୁକ ବସିଣ ସେ ଜାଣଇ କି ବୃତାନ୍ତ ଲୋ । ନଡୁ
ନ ଦେଲେ ମୋର, ବସ୍ତ୍ରଝାଡ଼ି ଦେଖା ତତପର ଲୋ । ୨୩ ।

ବସ୍ତ୍ର ତଳେ ନଡୁ ଯୋଡ଼କ ରଖିଛୁ, ଦେଖାଅ ବସନ ଫେଡ଼ି । ସତକୁ
ସମସ୍ତେ ବିଶ୍ୱର କରିବେ, ମିଛକୁ ଦେବେ ଢଉଡ଼ି ଗୋ । ଶୁଣି ଯଶୋଦା
ବୋଲେ, ରାଧା ବସନ ଫେଡ଼ି କହିଲେ ଗୋ । ୨୪ ।

ଯଶୋଦାର ବାଣୀ ଶ୍ରବଣରେ ଶୁଣି, ରାଧିକା ଚକିତ ହେଲେ ।
ତକ୍ଷଣେ ବସନ ଫେଡ଼ିଣ ଦିଅନ୍ତେ, ନଡୁ ଅଚାନକ ପଡ଼ିଲେ ଲୋ ।
ରାଧା ହେଲେ ଚକିତ, ସେତ ଗଣ୍ଡରେ ମାଇଲେ ହସ୍ତ ଲୋ । ୨୫ ।

Digitized by PPRACHIN, SOA

ସଖିକାର ସ୍ତନ ଯଜ୍ଞବନ ଦେଖି, କହନ୍ତି ଦେବ ମୁରାରି । ନଷ୍ଟୁ ଯୋଡ଼ ମୋର ସାକ୍ଷାତରେ ଦେଲ ଏବେ ହୁଅ ନଷ୍ଟୁଚୋର ଗୋ । ଶୁଣି ସଖୀ କହଇ, ନଷ୍ଟୁଚୋର ନ ଜାଣଇ ମୁହିଁ ଗୋ । ୧୬ ।

ନଷ୍ଟୁ ଦଉଡ଼ ତୋ ଗଳାରେ ବାନ୍ଧନ୍ତୁ, ଦେଖ ସବୁରି ଅଗରେ । ବାନ୍ଧିଲା କବେବ ଫିଟାଇ ଦିଅନ୍ତେ, ଖସି ପଡ଼ିଲା ମଞ୍ଚରେ ସେ । ସଖୀ କହେ ବଡ଼ୁର, କାନ୍ତ କଲେ କେମନ୍ତ ମନ୍ତ୍ରର ସେ । ୧୭ ।

ଶ୍ରୀକୃଷ୍ଣଙ୍କୁ ଦେଖି ଯଶୋଦା ଚକିତେ, ରାଧିକା ବଡ଼ୁରେ ଚଢ଼େ । କେମନ୍ତ ମନ୍ତ୍ରର 'ନନ୍ଦପୁଅ କଲା ନିନ୍ଦା କରାଇଲା ମୋତେ ଗୋ । ଭଣେ ଧନ ସୁନ୍ଦରୀ, ଏଥୁ ଶେଷ ହେଲା ନଷ୍ଟୁଶ୍ଳେଷ ଗୋ । ୧୮ ।

ସମାପ୍ତ ।

କଟକ ଦକ୍ଷପ୍ରେସରେ ଶ୍ରୀ ହରମୋହନ ଦତ୍ତଙ୍କ ଦ୍ୱାରା ମୁଦ୍ରିତ ।

Digitized by PPRACHIN, SOA

ସଟୀକ

କୋଟିବ୍ରହ୍ମାଣ୍ଡ ସୁନ୍ଦରୀ

(ଉତ୍ତମ ଜିଲ୍‌ବନ୍ଧା) ଟ ୧୷

ଅଶ୍ୱିନୀକୁମାର ଘୋଷ ପ୍ରଣୀତ ନାଟକାବଳୀ

ସମ୍ବଲେଶ୍ୱରୀ

(ଐତିହାସିକ) ଟ ୧୵

କେଶରୀ ଗଙ୍ଗା

(ଐତିହାସିକ) ଟ ୧।

ହିନ୍ଦୁ ରମଣୀ

(ସାମାଜିକ ନାଟକ) ଟ ୧୵

ସେଓଟି

(ଐତିହାସିକ) ଟ ୧୵

କଳାପାହାଡ

(ଐତିହାସିକ) ଟ ୧।

ଅକ୍ଷୟଭଣ୍ଡାର, ବାଖରାବାଦ,
ପୋଃ ଚାନ୍ଦନୀଚୌକ, କଟକ। } ଶ୍ରୀ ଅଜୟକୁମାର ଘୋଷ
ପ୍ରୋପ୍ରାଇଟର।

Digitized by PPRACHIN, SOA